## ସଂକ୍ଷେପରେ

### ଖୋଲିଲା ଶିଶୁମିତ୍ର ନ୍ୟାୟାଳୟ

ଢେଙ୍କାନାଳ ଅଫିସ,୨୧।୧- ଢେଙ୍କାନାଳ ସିଭିଲକୋର୍ଟ ପରିସରରେ ସୋମବାର ଶିଶୁମିତ୍ର ନ୍ୟାୟାଳୟକୁ ଜିଲା ଦୌରାଜଜ୍ ଗଜେନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ। ପୋକ୍‌ସୋ ଆକ୍ଟରେ ଥିବା ମାମଲାଗୁଡ଼ିକର ତୁରନ୍ତ ବିଚାର କରାଯିବା ଏହାର ମୁଖ୍ୟ ଲକ୍ଷ୍ୟ। ପାରିବାରିକ ଅଦାଲତର ବିଚାରପତି ପ୍ରତିମା ପଣ୍ଡା, ଅତିରିକ୍ତ ଜିଲା ଜଜ୍ କ୍ଷୀରୋଦ କୁମାର ଦାସ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୋନାଲି ପଟ୍ଟନାୟକ, ରେଜିଷ୍ଟ୍ରାର ସଞ୍ଜିତ ବେହେରା, ବରିଷ୍ଠ ଦେୱାନୀ ବିଚାରପତି ଅଞ୍ଜନା ସ୍ୱାଇଁ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ବରିଷ୍ଠ ଦେୱାନୀ ବିଚାରପତି ଗୀତାଞ୍ଜଳି ନନ୍ଦ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶିବାନୀ, ରେଖାରାଣୀ ନାୟକ, ବିବେକ ସାସମଲ ଓ ସୋନାଲି ଅପରାଜିତା, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅହଲ୍ୟା ଧଳ, ଓକିଲ ସଂଘ ସଭାପତି ଶିବସାଈ ମହାପାତ୍ର ଓ ସମ୍ପାଦକ ଟଙ୍କଧର ବେହେରା, ଏଲ୍‌ପିଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ଛେଣ୍ଡିପଦା,୨୧।୧(ସ୍ୱ.ପ୍ର)- ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମ ଶିବ ମନ୍ଦିର ପଛପଟେ ଡିଗିନାଳି ବିଲମାଳ ମଝିରୁ ସୋମବାର ସେହି ଗ୍ରାମର ଶିକ୍ଷକ ବୈକୁଣ୍ଠ ମାଝି(୪୮)ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଉଦ୍ଧାର କରିଛି। ବୈକୁଣ୍ଠ ରବିବାର ଅପରାହ୍ନ ୪ଟାରୁ ଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ସକାଳେ ଗ୍ରାମବାସୀ ମୃତଦେହ ପଡିଥିବା ଦେଖି ପରିବାରକୁ ସୂଚନା ଦେଇଥିଲେ। ମୃତଦେହ ନିକଟରୁ ୨ଟି ୧୦ ଟଙ୍କିଆ ଓ ଗୋଟିଏ ୧୦୦ଟଙ୍କିଆ ନୋଟ ସହ ସେ ପିନ୍ଧିଥିବା ଜ୍ୟାକେଟ୍ ଏକ ବାଉଁଶ ବୁଦାମୂଳ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଅନ୍ଧାରରେ ଟସରବେଡା ଗ୍ରାମବାସୀ

ମାଧପୁର,୨୧।୧-ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତ ଟସରବେଡା ଗ୍ରାମରେ ଥିବା ୧୦ କେଭି ଟ୍ରାନ୍ସଫର୍ମର ୧ ମାସରୁ ଉର୍ଦ୍ଧ୍ୱ ହେବ ପୋଡିଯାଇଛି। ଫଳରେ ଗ୍ରାମବାସୀ ଅନ୍ଧାରରେ କାଳାତିପାତ କରୁଛନ୍ତି। ସ୍ଥାନୀୟ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଅଭିଯୋଗ କରିଛନ୍ତି। ତୁରନ୍ତ ନୂତନ ଟ୍ରାନ୍ସଫର୍ମର ବସା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର କୁନା କ୍ଷେତି, ସୁଶାନ୍ତ କର୍ଣ୍ଣ, ବାସୁଦେବ ମହାଖୁଡ଼, ସୁଧାକର ଖେଡି, ଏକାଦଶୀ ମହାଖୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର ବାରିକ କୁହନ୍ତି, ପୂର୍ବରୁ ୧୦ କେଭି ଟ୍ରାନ୍ସଫର୍ମର ଲାଗିଥିଲା। ବର୍ତ୍ତମାନ ସେସୁ ତରଫରୁ ୨୫ କେଭିରୁ ଉର୍ଦ୍ଧ୍ୱ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଛି। ଖୁବଶୀଘ୍ର ଏହାର ସମାଧାନ କରାଯିବ।

### କୁରୁଣ୍ଟି, ଫୁଲପଡ଼ା ବିଜୟୀ

ଓଡାପଡା,୨୧।୧(ଡି.ଏନ.ଏ)- ଓଡାପଡା ବ୍ଲକ ଖଡଗପ୍ରସାଦ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା' ବାଉତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ କୁରୁଣ୍ଟି ଓ ଉପରପାଳ ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଉପରପାଳ ପ୍ରଥମେ ବ୍ୟାଟିଂ କରି ୯୭ ରନ କରିଥିଲା। କୁରୁଣ୍ଟି ୯୮ରନ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ପ୍ରଥମେ ଶଙ୍କର ୱାରିୟର୍ସ ୧୨୦ ରନ କରିଥିଲା। ଜବାବରେ ଫୁଲପଡା ଦଳ ୧୨୧ ରନ କରି ବିଜୟୀ ହୋଇଥିଲା।

### କାମାକ୍ଷାନଗର ସେମିରେ

ଭୁବନ, ୨୧।୧(ଡି.ଏନ.ଏ)
ଭୁବନ ବ୍ଲକ ଭୁଷଳ ପଞ୍ଚାୟତ କିଙ୍ଗୋଳ-ଅସୁରବନ୍ଧ ଖେଳପଡିଆଠାରେ ଚାଲିଥିବା ଅଭିମନ୍ୟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତାଳଚେର ପ୍ରଥମେ ବ୍ୟାଟିଂ କରି ୧୬୭ ରନ କରିଥିଲା। ଜବାବରେ କାମାକ୍ଷାନଗର ୧୬୩ ରନ କରି ବିଜୟୀ ହୋଇଥିଲା। ସୂର୍ଯ୍ୟକାନ୍ତ ମଲିକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିପିନ ବିହାରୀ ସେଠୀ, ବିଜେନ୍ଦ୍ର ଘୋଷ, ସୋମନାଥ ପରିଡା, ସର୍ବେଶ୍ୱର ନାୟକ ଖେଳ ପରିଚାଳନା କରିଥିଲେ।

■ଅଟକିଛି ୨୩ କୋଟିର ପାନୀୟ ଜଳ ପ୍ରକଳ୍ପ

# ଧାରଣାରେ ଯୋରନ୍ଦା ସାଧୁସନ୍ନ୍ୟାସୀ

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ମହିମାପୀଠ ଯୋରନ୍ଦା ସମେତ ଆଖପାଖ ଅଞ୍ଚଳର ୧୩ଟି ଗ୍ରାମ ପାଇଁ ଏକ ପାନୀୟ ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ମଞ୍ଜୁର

■୩ ବର୍ଷ ତଳୁ ଟଙ୍କା ଦେଇଥିଲା ଓଏନ୍‌ଜିସି
■ରାଜ୍ୟ ଦେଉନି ପ୍ରଶାସନିକ ଅନୁମୋଦନ
■ଉପକୃତ ହୋଇଥାନ୍ତେ ମହିମାପୀଠ, ୧୩ ଗ୍ରାମବାସୀ

କରିଥିଲେ ୨୩ କୋଟି ୭୩ ଲକ୍ଷ ଟଙ୍କା। ହେଲେ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅନୁମୋଦନ ମିଳୁ ନ ଥିବାରୁ ୩ ବର୍ଷ ହେଲା ଟଙ୍କା ପଡିରହିଛି। ଫଳରେ ପ୍ରକଳ୍ପ କାମ ଆରମ୍ଭ ହୋଇପାରୁ ନ ଥିବାରୁ ଏହାର ପ୍ରତିବାଦ କରିଛନ୍ତି ମହିମାପୀଠ ସାଧୁସନ୍ନ୍ୟାସୀ। ଏ ନେଇ ସୋମବାର ସାଧୁସନ୍ନ୍ୟାସୀଙ୍କ ସମେତ ଅଞ୍ଚଳବାସୀ ଓ ଭାଜପା ନେତୃବୃନ୍ଦ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି।

ଅଭିଯୋଗ ମୁତାବକ, ୨୦୧୫ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘ ଚାଳକ ମୋହନ ଭାଗବତ ମହିମା ଧର୍ମର ପୀଠ ଯୋରନ୍ଦା ଗସ୍ତରେ ଆସିଥିଲେ। ଏହି ସମୟରେ ଯୋରନ୍ଦାରେ ପାନୀୟଜଳ ସଙ୍କଟ ସମ୍ପର୍କରେ ମହିମା ସାଧୁସନ୍ନ୍ୟାସୀ ଓ ସ୍ଥାନୀୟ ଜନସାଧାରଣ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଉକ୍ତ ମନ୍ତ୍ରାଳୟ ଅଧୀନସ୍ଥ ଓଏନ୍‌ଜିସି ପକ୍ଷରୁ ଯୋରନ୍ଦାରେ ପାନୀୟ ଜଳ ପ୍ରକଳ୍ପ ପାଇଁ ୧୮ କୋଟି ୭୩ ଲକ୍ଷ ଟଙ୍କା ଓ ଏହାର ରକ୍ଷଣାବେକ୍ଷଣ ପାଇଁ ୫ କୋଟି ଟଙ୍କା ଦୀର୍ଘଦିନରୁ ମଞ୍ଜୁର କରାଯାଇ ପୈଠ କରାଯାଇଛି । କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ଅନୁମୋଦନ ନ ହେବାରୁ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହି ପ୍ରକଳ୍ପ ନିର୍ମାଣ ହେଲେ ମହିମାଗାଦି ଯୋରନ୍ଦା ସମେତ ୧୩ଟି ଗ୍ରାମର ବାସିନ୍ଦା ସୁବିଧାରେ ପାନୀୟଜଳ ପାଇପାରିବେ। ତେଣୁ ତୁରନ୍ତ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ସେମାନେ ଦାବି କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ଲମ୍ବୋଦର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାରଣାରେ ମହିମାପୀଠର ରଘୁନାଥ ବାବା, ଅବିନାଶୀ ବାବା, ଦୀନବନ୍ଧୁ ବାବାଙ୍କ ସମେତ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ରଙ୍କ ସମେତ ନବକିଶୋର ଗୁରୁ, ରତିକାନ୍ତ ସାହୁ, ପ୍ରେମାନନ୍ଦ ଜେନା, ମାତୃପ୍ରସାଦ ନନ୍ଦ, ମୁରଲୀଧର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଛନ୍ତି, ଏ ସମ୍ପର୍କରେ ଏକ ତାରିଖ ଧାର୍ଯ୍ୟ କରାଯାଇ ସ୍ୱତନ୍ତ୍ର ବୈଠକ ଡକାଯିବା ସହ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯିବ।


ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଦାବିରେ ସାଧୁସନ୍ନ୍ୟାସୀଙ୍କ ପକ୍ଷରୁ ଆୟୋଜିତ ଗଣଧାରଣା।

## ସେଲ୍‌ଫି କର୍ଣ୍ଣର


@ ଆଶୁତୋଷ


@ ଦିବ୍ୟରଞ୍ଜନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ବାଲି ଟ୍ରକ୍ ଚଳାଚଳକୁ ବିରୋଧ

ଭୁବନ,୨୧।୧(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୩ ନମ୍ବର ୱାର୍ଡ ଦେଇ ଯାତାୟାତ କରୁଥିବା ବାଲି ଟ୍ରକ୍ ଚଳାଚଳକୁ ବିରୋଧ କରିବା ସହ ଆସନ୍ତା ୨୭ ତାରିଖରୁ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ଭୁବନ ଶ୍ରୀଚୈତନ୍ୟ ମନ୍ଦିରଠାରେ ଏକ ବୈଠକ ନୂଆ ଭୁବନ ସଭାପତି ଚୈତନ୍ୟ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବସିଥିଲା। ନୂଆ ଭୁବନ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥଠାରୁ ବୁଦ୍ଧେଶ୍ୱର ଶୈବପୀଠକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତାରେ ଦୈନିକ ୫ ଶହରୁ ଅଧିକ ବାଲି ବୋଝେଇ ଗାଡି ଗମନାଗମନ କରୁଛି। ଏଥିଯୋଗୁ ପ୍ରଦୂଷଣ ବଢିବା ସହ ଡ୍ରେନ୍ ଓ କୂଅ ଆଦି ପୋତିହେବାକୁ ଲାଗିଲାଣି। ରାସ୍ତାରେ ବାଲି ପଡୁଥିବାରୁ ଯାତାୟାତରେ ଲୋକେ ଅସୁବିଧା ଭୋଗୁଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଆସନ୍ତା ୨୭ ତାରିଖରୁ ୱାର୍ଡ ଦେଇ ଟ୍ରକ ଚଳାଚଳକୁ ବନ୍ଦ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ବୈଠକରେ ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ଉପସଭାପତି ନାରାୟଣ ସାହୁ, ସୁଧୀର କୁମାର ସାହୁ, ମହେଶ୍ୱର ଖିଲାର, ଗିରିଶ କୁମାର ମହାରଣା ଓ ଅନିରୁଦ୍ଧ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଟ୍ରକ୍ ଚଳାଚଳକୁ ବିରୋଧ କରି ଅନୁଷ୍ଠିତ ବୈଠକ।

# ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି


ବୈଠକରେ ଯୋଗ ଦେଇଥିବା ଅଞ୍ଚଳବାସୀ।

ଭୁବନ, ୨୧।୧(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫରାଲ ହସ୍ପିଟାଲ ମାନ୍ୟତା ଓ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ସୋମବାର ଅଞ୍ଚଳବାସୀଙ୍କ ପକ୍ଷରୁ କାଳୀବଜାରଠାରେ ଏକ ବୈଠକ ବସିଥିଲା। ବହୁ ପୁରାତନ ଏହି ଡାକ୍ତରଖାନାର ମାନ ଦିନକୁ ଦିନ କମୁଥିବାବେଳେ ଏଥିପ୍ରତି ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ୪ ମାସ ହେଲା ଏଠାରେ ଡାକ୍ତର ନ ଥିବାବେଳେ ଷ୍ଟାଫ୍‌ନର୍ସ, ଲାବରେଟୋରୀ ଟେକ୍‌ନିସିଆନ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ସେବା ଯୋଗାଉଛନ୍ତି। ଫଳରେ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ପ୍ରଶାସନ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବ୍ରଜ ରାଉତ, କାଳୀବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁ, ଗଣେଶ ବଜାର ସଭାପତି ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶତ୍ରୁଘ୍ନ ଜେନା, ବରିଷ୍ଠ ଆଇନଜୀବୀ ଅଲେଖ ଚନ୍ଦ୍ର ତ୍ରିପାଠୀ, ଟ୍ରଷ୍ଟି ମୁଖ୍ୟ ରଥ ସେଠୀ, ଓକିଲ ସଂଘ ସଭାପତି ବାବୁଲି ସେଠ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ଝୁଲନ୍ତା ମୃତଦେହ ଉଦ୍ଧାର

କଣିହାଁ,୨୧।୧(ଡି.ଏନ.ଏ.)

କଣିହାଁ ବ୍ଲକ ଏନ୍‌ଟିପିସି ଥାନା ପୋଲିସ ରବିବାର ବିଜିଗୋଳ ଗ୍ରାମରୁ ସାରଥିପାଳ ଗ୍ରାମର ପ୍ରତାପ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପ୍ରତାପ ଭିଣୋଇଙ୍କ ଘରେ ରହୁଥିବାବେଳେ ଶନିବାର ରାତିରେ ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିଥିବା ଏସଆଇ ଦିଲୀପ ଗଡ଼ନାୟକ କହିଛନ୍ତି। ମୃତଦେହ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଢେଙ୍କାନାଳ ଅଫିସ,୨୧।୧–
ଢେଙ୍କାନାଳ ସାନ୍ଧ୍ୟ କନିଷ୍ଠ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ମାନଗୋବିନ୍ଦ ଗୋଛିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଂଯୋଜକ ଅକ୍ଷୟ କୁମାର ନାଥ ଯୋଗ ଦେଇଥିଲେ। ରତିକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତିର୍ମୟ ମହାପାତ୍ର, ପୂଜା ବେହେରା ଓ ଲୋପାମୁଦ୍ରା ପ୍ରଧାନ ତାଲିମ ଦେଇଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ନାୟକ, ସୁକାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀମାନଙ୍କୁ ମାନପତ୍ର ଦିଆଯାଇଥିଲା।

# ମହିଳା ପୋଲିସ ଜିମ୍ ଉଦ୍‌ଘାଟିତ


ଜଣେ ମହିଳା ପୋଲିସ କନଷ୍ଟେବଳ ଜିମ୍‌ରେ ଅଭ୍ୟାସ କରୁଛନ୍ତି।

ଢେଙ୍କାନାଳ ଅଫିସ,୨୧।୧

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନଠାରେ ଥିବା ମହିଳା ପୋଲିସ ବାରାକରେ ସୋମବାର ଅପରାହ୍ନରେ ଏକ ନୂତନ ଜିମ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସ୍‌ପି ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ। ସାଧାରଣରେ ମଧ ମହିଳାମାନେ ଚାହିଁଲେ ଏହାକୁ ବ୍ୟବହାର କରିପାରିବେ ବୋଲି ଏସ୍‌ପି ସୂଚନା ଦେଇଥିଲେ। ଉକ୍ତ ବାରାକରେ ୬୬ ଜଣ ମହିଳା ପୋଲିସ ରହୁଥିବା ଜଣାପଡିଛି। ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ ଓ ବିନୟକୃଷ୍ଣ କାମିଲା, ଡିଏସ୍‌ପି ଇନ୍ଦ୍ରମଣି ବେହେରା, ପ୍ରଶାନ୍ତ ବିଶୋଇ, ରିଜର୍ଭ ଇନ୍ସପେକ୍ଟର ବିବେକାନନ୍ଦ ବାଗେଙ୍କ ସମେତ ଜିଲା କନଷ୍ଟେବଳ ହାବିଲଦାର ସଂଘର ସଭାପତି ଏସ୍‌ପି ବରାଳ ଓ ସମ୍ପାଦକ ପିଏନ୍ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ମଣ୍ଟଫୋର୍ଟ, ଜାଭିୟର୍ସ ସ୍କୁଲ ସେମିରେ

ଢେଙ୍କାନାଳ ଅଫିସ, ୨୧।୧
ଢେଙ୍କାନାଳ ଷ୍ଟାଡିୟମଠାରେ ଚାଲିଥିବା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମେମୋରିଆଲ ଆନ୍ତଃସ୍କୁଲ ପ୍ରତିଯୋଗିତାରେ ମଣ୍ଟଫୋର୍ଟ ଓ ଜାଭିୟର୍ସ ସ୍କୁଲ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ବଳରାମ ହାଇସ୍କୁଲକୁ ହରାଇ ମଣ୍ଟଫୋର୍ଟ ସ୍କୁଲ ଓ ବିବି ହାଇସ୍କୁଲକୁ ହରାଇ ଜାଭିୟର୍ସ ସ୍କୁଲ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଶେଷ ଲିଗ୍ ମ୍ୟାଚରେ କେପି ହାଇସ୍କୁଲ ଗୋବିନ୍ଦପୁର ଓ ଏଲ୍‌ଏମ୍ ହାଇସ୍କୁଲ ମଧରେ ମ୍ୟାଚ ଅମୀମାଂସିତ ରହିଛି। ସେହିପରି ତାଳବରକୋଟ ଆରସି ବିଦ୍ୟାପୀଠ ୬–୦ ଗୋଲରେ ଅରବିନ୍ଦ ସ୍କୁଲକୁ ପରାସ୍ତ କରିଥିଲା। ରେଫରୀ ସନ୍ତୋଷ କାନୁନଗୋ, ଅମୂଲ୍ୟ ନାୟକ, ସୁଜିତ ଦାସ ଓ ତନ୍ମୟ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ । ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ। ମଙ୍ଗଳବାର ସେମି ଫାଇନାଲ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ–ମଣ୍ଟଫୋର୍ଟ ସ୍କୁଲ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ–ସେଣ୍ଟ ଜାଭିୟର୍ସ ହାଇସ୍କୁଲ ମଧରେ ଅନୁଷ୍ଠିତ ହେବ।

■ଆଇଆଇଏମ୍‌ସିରେ ଆଲୋଚନାଚକ୍ର

# ନିରପେକ୍ଷତାକୁ ଗୁରୁତ୍ୱ ସମାଜର ହିତ କରିବ

ଢେଙ୍କାନାଳ ଅଫିସ,୨୧।୧

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ସୋମବାର ଭାରତୀୟ ଲୋକ ପ୍ରଶାସନ ସଂସ୍ଥାନର ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ 'ଗଣମାଧ୍ୟମ ସମାଜର ଦର୍ପଣ କି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର କହିଲେ, ଗଣମାଧ୍ୟମ ଲୋକଙ୍କୁ ପ୍ରଭାବିତ କରିବା ସହିତ ଲୋକଙ୍କ ମନ ବଦଳାଇପାରେ ଏବଂ ନୂଆ ଧାରଣା ମଧ ସୃଷ୍ଟି କରିପାରେ। ଅନେକ ସମୟରେ ଗଣମାଧ୍ୟମ ନିରପେକ୍ଷ ଖବର ପ୍ରକାଶ କରିପାରୁନାହିଁ। ଫଳରେ ଲୋକେ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ତେଣୁ ଖବର ପରିବେଷଣ ବେଳେ ନିରପେକ୍ଷତାକୁ ଗୁରୁତ୍ୱ ଦିଆଗଲେ ଏହା ସମାଜର ହିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଭାରତୀୟ ଲୋକ ପ୍ରଶାସନ ସଂସ୍ଥାନ ଓଡ଼ିଶା ଶାଖାର ଉପସଭାପତି ପ୍ରଫେସର ଦିଗମ୍ବର ଶତପଥୀ ଆଲୋଚନାଚକ୍ରରେ ଯୋଗଦେଇ ସମାଜର ସମସ୍ୟା ଓ ଆଶଙ୍କା ଦୂର କରିବା ପାଇଁ ଗଣମାଧ୍ୟମ ଦର୍ପଣ ଭଳି କାର୍ଯ୍ୟ କରେ ବୋଲି କହିଥିଲେ। ତେଣୁ ଖବରଦାତାମାନେ ତଥ୍ୟକୁ ଭଲ ଭାବରେ ପରଖିବା ଦରକାର ବୋଲି ସେ ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ରରେ ଅଧ୍ୟକ୍ଷତାରେ କରି ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ସାମ୍ବାଦିକତା ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରୀଛାତ୍ରମାନଙ୍କୁ ଗଣମାଧ୍ୟମର ନୀତି ଓ ଆଦର୍ଶ ସମ୍ପର୍କରେ ଶିକ୍ଷାଦାନ କରିବା ଜରୁରୀ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ସଂସ୍ଥାନର ଛାତ୍ରୀଛାତ୍ର ଓ ଅଧ୍ୟାପକ ଉପସ୍ଥିତ ଥିଲେ।



ଆଇଆଇଏମ୍‌ସିରେ ଆୟୋଜିତ ଆଲୋଚନାଚକ୍ର।

## ସଂକ୍ଷେପରେ

### ମିଶନ ଶକ୍ତି ସଚେତନତା ରଥ ଶୁଭାରମ୍ଭ

ଅନୁଗୋଳ ଅଫିସ, ୨୧।୧- ମହିଳାମାନଙ୍କ ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଗୋଳ ଜିଲାରେ ବୁଲିବାକୁ ଥିବା ୩ଟି ମିଶନ ଶକ୍ତି ରଥକୁ ସୋମବାର ଜିଲାପାଳ ଅନିଲ କୁମାର ସାମଲ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ୩ଟି ରଥ ବିଭିନ୍ନ ଗ୍ରାମ ପରିକ୍ରମା କରି ମିଶନ ଶକ୍ତି କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ସହ ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରି ପୁରସ୍କୃତ କରିବ। ମହିଳାମାନଙ୍କ ସାମାଜିକ, ଆର୍ଥିକ ଓ ରାଜନୈତିକ ସଶକ୍ତୀକରଣରେ ମିଶନ ଶକ୍ତି ତାର ଦାୟିତ୍ୱ ସଫଳତାର ସହିତ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ରଥ ଜିଲାର ୮ଟି ବ୍ଲକର ମୋଟ୍ ୨୨୫ ପଞ୍ଚାୟତରେ ୨ ମାସ ଧରି ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ ମଲ୍ଲିକ, ଜିଲା ମିଶନ ଶକ୍ତି ସଂଯୋଜିକା ଅନସୂୟା ମିଶ୍ରଙ୍କ ସମେତ ସମାଜ ମଙ୍ଗଳ ବିଭାଗର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଡିଓଙ୍କୁ ଘେରିଲେ ଗୋଷ୍ଠୀ ସହାୟିକା

ପାଲଲହଡ଼ା, ୨୧।୧(ଡି.ଏନ.ଏ.)- ୫ ଦଫା ଦାବିରେ ଓଡିଶା ଜୀବିକା ମିଶନର ବ୍ଲକ ନଥିପତ୍ର ପରିଚାଳିକା ଏବଂ ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ସୋମବାର ଆଠମଲ୍ଲିକ ବିଡିଓ ଏବଂ ପ୍ରକଳ୍ପ ଅଧିକାରୀଙ୍କୁ ଘେରାଉ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ବ୍ଲକର ସମସ୍ତ ନଥିପତ୍ର ପରିଚାଳିକା ଏବଂ ଗୋଷ୍ଠୀ ସହାୟିକା ସଭ୍ୟାମାନେ ପଞ୍ଚାୟତସ୍ତରରେ ଜୀବିକା ମିଶନର ସମସ୍ତ କାର୍ଯ୍ୟ କରୁଥିବାବେଳେ ନଥିପତ୍ର ପରିଚାଳିକାଙ୍କୁ ଦୈନିକ ୧୦୦ଟଙ୍କା ଏବଂ ଗୋଷ୍ଠୀ ସହାୟିକାମାନଙ୍କୁ ଦୈନିକ ୫୦ ଟଙ୍କା ପ୍ରଦାନ କରାଯାଉଛି। ଯାହା ଅଣକୁଶଳୀ ଶ୍ରମିକଙ୍କ ମଜୁରିଠାରୁ ମଧ୍ୟ କମ୍। ଏ ନେଇ ଅବଗତ କରାଯିବା ପରେ ଓଏଲଏମ ନିର୍ଦ୍ଦେଶକ ଡିସେମ୍ବର ୧୯ରେ ଆଲୋଚନା କରି ୧୫ ଦିନ ମଧ୍ୟରେ ପାରିଶ୍ରମିକ ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ପ୍ରତିଶ୍ରୁତି ପାଳନ କରାଯାଇ ନ ଥିବା ସଂଘ ସଭାପତି ପାଞ୍ଚାଳୀ ନାୟକ, ଝୁନୁ ମିଶ୍ର ଅଭିଯୋଗ କରିଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ ଆସନ୍ତା ୨୮ରୁ ସ୍ଥାନୀୟ ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ତରଫରୁ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହ ଏ ସଂକ୍ରାନ୍ତୀୟ ଦାବିପତ୍ର ବିଡିଓ ତ୍ରିବିକ୍ରମ କୁମୁରା ଓ ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ପ୍ରକଳ୍ପ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି, ସଂଘ ଦାବି ସମ୍ପର୍କରେ ଜିଲା ଏବଂ ରାଜ୍ୟ ପଦାଧିକାରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।

### ବରଗଡ଼ ସେମିରେ

ଅନୁଗୋଳ ଅଫିସ, ୨୧।୧- ଅନୁଗୋଳ ସ୍ଥିତ ହେମସୁରପଡ଼ା ଶିବା ପଡ଼ିଆରେ ଚାଲିଥିବା ଫ୍ଲଟ ଲାଇଟ ଅଲ ଇଣ୍ଡିଆ ଫୁଟବଲ କପର ଦ୍ୱିତୀୟ ମ୍ୟାଚରେ ବରଗଡ଼ ୟୁନାଇଟେଡ଼ ସ୍ପୋର୍ଟିଂ ୪-୨ ଗୋଲରେ ସମ୍ବଲପୁର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଖେଳ ରୋମାଞ୍ଚ ସ୍ଥିତିରେ ଥିଲା। କିନ୍ତୁ ବରଗଡ଼ ଦଳର ଗୋଧି ୪୪ ମିନିଟ୍‌ରେ ଦଳ ପକ୍ଷରୁ ପ୍ରଥମ ଗୋଲ କରି ଦଳକୁ ୧-୦ରେ ଆଗୁଆ ରଖିଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭରେ ବରଗଡ଼ ଦଳର ଭରତ ୫୧ ମିନିଟରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ କରିଥିଲେ। ସେହିପରି ଗୋଧି ଖେଳର ୫୮ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ କରିଥିଲେ। ଏହାପରେ ସମ୍ବଲପୁର ସ୍ପୋର୍ଟ ହଷ୍ଟେଲର ପ୍ରଶାନ୍ତ ୬୩ ମିନିଟରେ ଦଳ ପକ୍ଷରୁ ପ୍ରଥମ ଗୋଲ କରିଥିଲେ। ଏହାର କିଛି ସମୟ ପରେ ବରଗଡ଼ର ଭରତ ପୁଣି ୭୨ ମିନିଟରେ ଏକ ଗୋଲ ଦେବାରୁ ବରଗଡ଼ ୪-୧ ରେ ଆଗୁଆ ରହିଥିଲା। ଏହାପରେ ସମ୍ବଲପୁର ଦଳର ଶ୍ରୀକାନ୍ତ ୭୬ ମିନିଟରେ ଦ୍ୱିତୀୟ ଗୋଲ କରି ଦଳକୁ ୨-୪ରେ ରଖିଥିଲେ। ଏହାପରେ କୌଣସି ଖେଳାଳି ଆଉ ଗୋଲ କରିନଥିବାବେଳେ ବରଗଡ଼ ୟୁନାଇଟେଡ଼ ସ୍ପୋର୍ଟିଂ ୪-୨ ଗୋଲରେ ବିଜୟୀ ହୋଇଥିଲା। ସଲିଲ ବେହେରା, ସୁରେଶ ଚନ୍ଦ୍ର ଦାସ, ଦିଲୀପ ରାଉତ ପରିଚାଳନା କରିଥିଲେ। କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ, ପୂର୍ବତନ କଂଗ୍ରେସ ଜିଲା ସଭାପତି ସଂଗ୍ରାମ ମିଶ୍ର, ବ୍ୟବସାୟୀ ହୃଷିକେଶ ସାହୁ, ନାରାୟଣ ସାହୁ, ସାଗର ମିଶ୍ର, ଜଗନ୍ନାଥ କଅଁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ୮ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

# ସାଇଣ୍ଟିଫିକ୍ ଟିମ୍‌ର ଅନୁସନ୍ଧାନ

- ସନ୍ଧାନୀ କୁକୁର ଠାବ କଲା ରକ୍ତ ଭିଜା ପୋଷାକ, ଚପଲ
- ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଲୋକଙ୍କ ଦାବି
- ପୋଲିସ ଉପରେ ଭରସା ରଖିବାକୁ ଏସ୍‌ପିଙ୍କ ନିବେଦନ


ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ।

ଅନୁଗୋଳ ଅଫିସ, ୨୧।୧

ଅନୁଗୋଳ ସହର ଉପକଣ୍ଠରେ ରବିବାର ଅପରାହ୍ନରେ ଘଟିଥିବା ୮ମ ଶ୍ରେଣୀ ଛାତ୍ରୀଙ୍କ ବଳାତ୍କାର ଓ ହତ୍ୟା ଘଟଣାର ତଦନ୍ତ ଜୋର୍ ଧରିଛି। ସୋମବାର ସକାଳୁ ପୋଲିସ, ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ଛାନଭିନ କରି ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ସଂଗ୍ରହ କରିଛି। ତଦନ୍ତ ସମୟରେ ନାଳ କୂଳରୁ ସାଇଣ୍ଟିଫିକ୍ ଟିମ୍‌କୁ ଅଭିଯୁକ୍ତ ଗୋଡ଼ିସାହିର ଅନାମ ଦେହୁରୀଙ୍କ ରକ୍ତ ଭିଜା ପୋଷାକ ଓ ଚପଲ ମିଳିଛି। ତେବେ ତାଙ୍କ ପତ୍ତା ଏଯାଏ ପୋଲିସ ଲଗାଇ ପାରି ନାହିଁ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଲୋକେ ରାସ୍ତାକୁ ଓହ୍ଲାଇଥିବା ବେଳେ ପୋଲିସ ଉପରେ ଭରସା ରଖିବାକୁ ଏସ୍‌ପି ମିତ୍ରଭାନୁ ମହାପାତ୍ର ନିବେଦନ କରିଛନ୍ତି। ଅପରପକ୍ଷରେ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ରବିବାର ରାତିରେ ଅନୁଗୋଳ ପୋଲିସ ପକ୍ଷରୁ ଗଡ଼ାଯାଇଥିବା ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତଙ୍କ ଘର ଓ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରିଥିଲା। ସୋମବାର ମଧ୍ୟ କେତେକ ସ୍ଥାନରେ ଚଢ଼ାଉ ସହ ସମ୍ପର୍କୀୟଙ୍କୁ ପଚରା ଉଚରା କରାଯାଇଥିଲା। ସେହିପରି ସକାଳ ସାଢ଼େ ୭ଟାରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ନାଳ କୂଳ ପଥର ନିକଟରେ ନାବାଳିକାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିଲା। ସନ୍ଧାନୀ କୁକୁର ଦ୍ୱାରା ବିଭିନ୍ନ ସ୍ଥାନ ଚିହ୍ନଟ କରାଯିବା ପରେ ସାଇଣ୍ଟିଫିକ୍ ଟିମ୍ ସେଠାକାର କିଛି ସାମଗ୍ରୀ ଯାଞ୍ଚ କରିଥିଲା। ଏହି ସମୟରେ ନାଳ କୂଳରୁ ପୋଲିସକୁ ଗୋଟିଏ ହଳ ଡ୍ରେସ ଓ ଗୋଟିଏ ଚପଲ ମିଳିଥିଲା। ଏହା ଅଭିଯୁକ୍ତ ଅନାମ ଦେହୁରୀଙ୍କର ବୋଲି ଗ୍ରାମବାସୀ ଚିହ୍ନଟ କରିବା ପରେ ତାହାକୁ ଜବତ କରାଯାଇଥିଲା। ଜବତ ସମସ୍ତ ସାମଗ୍ରୀ ଭୁବନେଶ୍ୱରସ୍ଥିତ ଫରେନ୍‌ସିକ୍ ଲ୍ୟାବକୁ ଯାଞ୍ଚ ନିମନ୍ତେ ପଠାଯିବ ବୋଲି ଏସ୍‌ପି ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଘଟଣାଟି ଅତି ସମ୍ବେଦନଶୀଳ ଥିବାରୁ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯାଇ ଉପଯୁକ୍ତ ଚାର୍ଜସିଟ୍ ଫାଇଲ କରାଯିବ। ଲୋକମାନେ ପୋଲିସ ଉପରେ ଭରସା ରଖନ୍ତୁ। ଜିଲା ପୋଲିସର ୩ଟି ଟିମ୍ ଗିରଫ ପାଇଁ ଜିଲା ବାହାରେ ରହିଛି। ସାଇଣ୍ଟିଫିକ୍ ଟିମ୍‌କୁ ମଧ୍ୟ କିଛି ତଥ୍ୟ ମିଳିଛି। ଲୋକମାନେ ଆନ୍ଦୋଳନରୁ ଦୂରେଇ ରହି ଶାନ୍ତ ରହିଲେ ପୋଲିସର କାର୍ଯ୍ୟ ଅଧିକ ସହଜ ହେବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

# ଭାଜପାର ରାସ୍ତାରୋକୋ, ହାତାହାତି


କାଙ୍ଗୁଲାଠାରେ ରାସ୍ତାରୋକୋ।

ଅନୁଗୋଳ ଅଫିସ, ୨୧।୧

ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଥିଲା ଭାଜପା। ଦଳ ପକ୍ଷରୁ କାଙ୍ଗୁଲା ଠାରେ ରାସ୍ତାରୋକୋ କରାଯିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ ଦାବି କରାଯାଇଥିଲା। ସେହିପରି ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ଦାବି କରାଯାଇଥିଲା। ରବିବାର ରାତିରେ ପୋଲିସ ଘଟଣାସ୍ଥଳରୁ ଯୁବ ବାହିନୀ ସଦସ୍ୟଙ୍କ ସହାୟତାରେ ମୃତଦେହ ଉଠାଇ ନେଇଥିବାରୁ ତାହାକୁ ନିନ୍ଦା କରିବା ସହ ଏ ନେଇ ଦଳୀୟ ନେତାମାନେ ପ୍ରଶ୍ନ ଉଠାଇଥିଲେ। ଏହାପରେ ନାବାଳିକା ପରିବାର ଲୋକଙ୍କ ସହ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅନୁଗୋଳ ଅଭିମୁଖେ ଆସୁଥିଲେ। ଏହି ସମୟରେ ବିଜୁ ଯୁବ ବାହିନୀର କିଛି ସଦସ୍ୟ ତାଙ୍କୁ ଖଲାରି ଛକରେ ଅଟକାଇ ଗାଳି ଗୁଲଜ କରିଥିବା ଓ ଘଟଣା ହାତହାତି ଯାଏ ଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ୧୩ ଜଣଙ୍କ ନାମରେ ଭାଜପାର ସଦସ୍ୟା ରୋଜାଲିନ୍ ଦାସ ଥାନାରେ ଅଭିଯୋଗ କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

### ଥାନା ଘେରିଲା କଂଗ୍ରେସ

ଅନୁଗୋଳ ଅଫିସ, ୨୧।୧

ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ କାଙ୍ଗୁଲା ଗ୍ରାମବାସୀ ଏକ ବିରାଟ ଶୋଭାଯାତ୍ରାରେ ଆସି ଅନୁଗୋଳ ଥାନା ଘେରାଉ କରିଥିଲେ। ୨୦ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଥିବାରୁ ସେମାନେ ତାହାର ପ୍ରତିବାଦ କରିଥିଲେ। ଏସ୍‌ଡିପିଓ ହରିହର ପାଣି ଅଭିଯୁକ୍ତକୁ ୪୮ ଘଣ୍ଟା ମଧ୍ୟରେ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ କଂଗ୍ରେସ ଥାନା ଘେରାଉରୁ ଓହରିଥିଲା।

### ଭୁଶୁଡ଼ି ପଡ଼ିଛି ଆଇନ ଶୃଙ୍ଖଳା ବ୍ୟବସ୍ଥା

ଅନୁଗୋଳ ଅଫିସ, ୨୧।୧

ରାଜ୍ୟରେ ଗୋଟିଏ ପରେ ଗୋଟିଏ ନାବାଳିକା ବଳାତ୍କାର ଘଟଣା ଘଟୁଥିବାରୁ ଏହାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଜିଲା କଂଗ୍ରେସ। କାଞ୍ଚନ ଟକିଜଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାନେତ୍ରୀ ତଥା କଂଗ୍ରେସ ମୁଖପାତ୍ର ସସ୍ମିତା ବେହେରା କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ତୁରନ୍ତ ଅଭିଯୁକ୍ତଙ୍କୁ ଧରିବା ସହ ପୋଲିସ କଠୋର ମନଭାବ ଆପଣାଇଲେ ସ୍ଥିତିରେ ସୁଧାର ଆସିବ ବୋଲି ସେ କହିଥିଲେ। ସେହିପରି ଅନୁଗୋଳରେ ସଦର ଥାନା, ମହିଳାଥାନା ଓ କାଙ୍ଗୁଲା ଅଞ୍ଚଳରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ସେ ଦାବି କରିଥିଲେ। ଜିଲା କଂଗ୍ରେସ ଉପସଭାପତି ଉତ୍ତମ ପ୍ରସାଦ ସାହୁ, ଛେଣ୍ଡିପଦାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ଅନୁଗୋଳ ବାର୍ ଆସୋସିଏଶନ୍ ସମ୍ପାଦକ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




### ଦୋଷୀଙ୍କୁ ଫାଶୀ ମିଳୁ

ଅନୁଗୋଳ ଅଫିସ, ୨୧।୧

ଆମକୁ ପ୍ରଶାସନିକ ଅନୁକମ୍ପା ନୁହେଁ, ନ୍ୟାୟ ଲୋଡ଼ା। ଦୋଷୀକୁ ତୁରନ୍ତ ଗିରଫ କରାଯାଇ ଫାଶୀ ଦିଆଯାଉ ବୋଲି ପୋଲିସକୁ ନିବେଦନ କରିଛନ୍ତି ସମ୍ପୃକ୍ତା ନାବାଳିକାଙ୍କ ବାପା। ସେହିପରି ସମ୍ପୃକ୍ତା ଛାତ୍ରୀଙ୍କ ବଡ଼ ଭଉଣୀ ମଧ୍ୟ ସାନଭଉଣୀକୁ ଝୁରି ହେଉଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ନୁହେଁ, ସାଧାରଣରେ ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ସେ କହିଛନ୍ତି, ଭଉଣୀ ପାଠ ପଢ଼ାରେ ଯେମିତି ଥିଲା, ନାଚ ଓ ଗୀତରେ ମଧ୍ୟ ସେମିତି ଧୁରନ୍ଦର ଥିଲା। ତେଣୁ ତାକୁ ଯିଏ କଲବଲ କରି ମାରିଛି ତାଙ୍କୁ କୋର୍ଟଚାଲାଣ ନୁହେଁ, ମୋତେ ଦିଆଯାଉ ମୁଁ ତାଙ୍କୁ ମାରିବି।

# ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ




ଅନୁଗୋଳ ଅଫିସ, ୨୧।୧

ଅନୁଗୋଳ ଖମାର ଛକରେ ମଧ୍ୟ ସ୍ଥାନୀୟ ଲୋକଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଅପରାଧୀଙ୍କୁ ଧରିବା ସହ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପାଇଁ ଦାବି କରାଯାଇଥିଲା। ଏଥିଯୋଗୁ ଅନୁଗୋଳ-ଭୁବନେଶ୍ୱର ରଜପଥରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ସେହିପରି ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନାବାଳିକାଙ୍କ ଗାଁ ଲୋକଙ୍କ ସମେତ ଛାତ୍ର, ଯୁବ ଓ ମହିଳା ସଙ୍ଗଠନର କର୍ମକର୍ତ୍ତା ଏବଂ ସାମାଜିକ କର୍ମୀମାନଙ୍କ ପକ୍ଷରୁ ମିଳିତ ଭାବେ ସହରରେ ଶୋଭାଯାତ୍ରା କରାଯାଇଥିଲା। ଦୋଷୀଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ଦେବା, ମଦ, ମାଦକଦ୍ରବ୍ୟ, ଅଶ୍ଳୀଳତା, ଅପସଂସ୍କୃତିର ପ୍ରଚାର ପ୍ରସାର ନିଷିଦ୍ଧ କରିବା, ସହର ସମେତ ପାରିପାର୍ଶ୍ୱିକ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ଦାବିରେ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମହିଳା ସାଂସ୍କୃତି ସଙ୍ଗଠନ ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ପ୍ରକାଶ ଭୋଇ, ନାରୀନେତ୍ରୀ ସରୋଜିନୀ ନାୟକ, ମାନସୀ ସ୍ୱାଇଁ, ପ୍ରତିମା ବେହେରା, ବିମଳା ବେହେରା, ଜେମାମଣି ନାଏକ, ସାମାଜିକ କର୍ମୀ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ଆଦିତ୍ୟ ମିଶ୍ର, ରାକେଶ ରୋସନ ଦେଓ, ଡିଏସ୍ ସଙ୍ଗଠକ ପ୍ରଭାସୀ ସ୍ୱାଇଁ, ନାରାୟଣ ନାୟକ, ନିରୂପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବାରକୁ ଭେଟିଲେ, କ୍ଷତିପୂରଣ ଦାବି କଲେ



ଅନୁଗୋଳ ଅଫିସ, ୨୧।୧

ଅନୁଗୋଳ ଜିଲା ମହିଳା କଂଗ୍ରେସର ସଭାନେତ୍ରୀ ସବିତା ରାଣୀ ଧୀରଙ୍କ ନେତୃତ୍ୱରେ ଏକ ଟିମ୍ ନାବାଳିକାଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ଏଥିସହ ସେଠାରୁ ଆସି ଅନୁଗୋଳ ଜିଲା ଆରକ୍ଷୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆସାମୀଙ୍କୁ ଗିରଫ କରି କଠୋର ଦଣ୍ଡ ଓ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରିଥିଲେ। ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ସୁକାନ୍ତି ଦାଶ, ପୂର୍ବତନ କାଉନସିଲର ବଲବିର ସିଂ, ଛାତ୍ର ନେତା ବିଶ୍ୱରଞ୍ଜନ ପାଣିଗ୍ରାହୀ, ନିଲକମଲ ସେଠୀ, ଅଳକା ମହାପାତ୍ର, ରାଜଶ୍ରୀ ମହାନ୍ତି, ନିବେଦିତା ମହାପାତ୍ର, ପ୍ରଦ୍ୟୁମ୍ନ ସାହୁ, ଲୁଟୁ ରଞ୍ଜନ ଥାପା, ସିଲୁ ସାହୁ, ମନୋଜ ସାହୁ, ଶଙ୍କର୍ଷଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଛାତ୍ରୀଙ୍କ ସ୍କୁଲ ସ୍ତବ୍ଧ, ଦିନଟିଏ ଛୁଟି

ଅନୁଗୋଳ ଅଫିସ, ୨୧।୧

ଘଟଣା ଜଣାପଡ଼ିବା ପରେ ସୋମବାର ସ୍ତବ୍ଧ ହୋଇଯାଇଥିଲା ସମ୍ପୃକ୍ତା ଛାତ୍ରୀ ପଢୁଥିବା ସ୍କୁଲ। ତାଙ୍କ ସହପାଠୀମାନେ ଘଟଣାକୁ ନେଇ ଭାଙ୍ଗି ପଡ଼ିଥିଲେ। ବିଦ୍ୟାଳୟ ଖୋଲିବା କ୍ଷଣି ସମସ୍ତଙ୍କ ଆଖିରେ ଅଶ୍ରୁ ଭରିଯାଇଥିଲା। ଏକ ଶୋକ ସଭା ଆୟୋଜନ ପରେ ଛାତ୍ରୀଛାତ୍ରମାନଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ ନ୍ୟାୟ ଦାବି କରି ଶୋଭାଯାତ୍ରାରେ କରିଥିଲେ। ଏହାପରେ ଗୋଟିଏ ଦିନ ପାଇଁ ସ୍କୁଲକୁ ଛୁଟି କରିଦିଆଯାଇଥିଲା।

# ଚକୋଲେଟ୍ ଖାଇ ୧୫ ଅସୁସ୍ଥ



ଅନୁଗୋଳ ଅଫିସ, ୨୧।୧

ଅନୁଗୋଳ ଉପକଣ୍ଠରେ ଥିବା କୁମଣ୍ଡ ଚଣ୍ଡୀବଜାର ସ୍ଥିତ ଅଲେଖପାଟଣା ପ୍ରାଥମିକ ବିଦ୍ୟାଳୟରେ ଚକୋଲେଟ୍ ଖାଇ ୧୫ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଛାତ୍ରୀଛାତ୍ରଙ୍କ ଅବସ୍ଥା ବିପଦ ମୁକ୍ତ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶୁଭମ ସାହୁ, ରଶ୍ମିତା ସାହୁ, ଅର୍ଚ୍ଚିତା ବିଶ୍ୱାଳ, ପ୍ରିୟଙ୍କା ସାହୁ, ସୁଜାତା ଗୋଛାୟତ, କ୍ରୀଷ୍ଣା ସାମଲ, ସୁମୁତ୍ରା ଗୋଛାୟତ, ବିଭୂତି ଗୋଛାୟତ, ଶୁଭ୍ରଜ୍ୟୋତିମୟୀ ନାୟକ ପ୍ରମୁଖ ଚତୁର୍ଥ ଓ ପଞ୍ଚମ ଶ୍ରେଣୀରେ ପଢୁଥିବା ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ନାୟକ କହିଛନ୍ତି। ସୂଚନାଯୋଗ୍ୟ ଯେ, ୪ର୍ଥ ଶ୍ରେଣୀର ଜଣେ ଛାତ୍ରୀଙ୍କ ଜନ୍ମଦିନ ଅବସରରେ ଉକ୍ତ ଶ୍ରେଣୀରେ ପଢୁଥିବା ତାଙ୍କ ଭାଇ ଚକୋଲେଟ୍ ବଣ୍ଟନ କରିଥିଲେ। ଏହି ଚକୋଲେଟ ଖାଇବା ପରେ ଛାତ୍ରୀଛାତ୍ର ବାନ୍ତି କରିବା ସହ ସେମାନଙ୍କ ମୁଣ୍ଡ ବୁଲାଇଥିଲା। ତୁରନ୍ତ ସେମାନଙ୍କୁ ଚିକିତ୍ସା କରାଯାଇଥିଲା। ଉକ୍ତ ଚକୋଲେଟ୍‌ର ଏକ୍ସପାରୀ ଡେଟ ଚାଲିଯାଇଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ ଅନୁଗୋଳ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସିଆର୍‌ଏମ୍‌ଓ ରେଡକ୍ରସ ପକ୍ଷରୁ ପ୍ରତ୍ୟେକ ପିଲାଙ୍କୁ ୨ ହଜାର ଲେଖାଏ ଟଙ୍କା ସହ ହର୍ଲିକ୍ସ ପ୍ରଦାନ କରିଥିଲେ।

# ପଞ୍ଚାୟତସ୍ତରୀୟ ପିଠା ଶିବିର

ଛେଣ୍ଡିପଦା, ୨୧।୧(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଜରପଡା ପଞ୍ଚାୟତ ଅଫିସ ପରିସରରେ ପିଠା ଶିବିର ରବିବାର ଅନୁଷ୍ଠିତ ହୋଇଛି। ସରପଞ୍ଚ ଭାନୁପ୍ରିୟା ପ୍ରଧାନଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ବିଡିଓ ରୋମାଞ୍ଚଳ ଖମାରି, ଅତିରିକ୍ତ ବିଡିଓ ଦିଲୀପ କୁମାର ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଟାଙ୍ଗି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କାଳିଆ, ସୁନେତ୍ର ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯିବା ସହ ସ୍କୁଲ ପିଲା ଏବଂ ବୟସ୍କ ବ୍ୟକ୍ତିଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ସେହିପରି ଦୁର୍ଗାପୁରରେ ପଞ୍ଚାୟତସ୍ତରୀୟ ପୀଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସସ୍ମିତା ବେହେରା, ନିର୍ବାହୀ ଅଧିକାରୀ ବିରଜାକାନ୍ତ ପ୍ରଧାନ, ଡାକ୍ତର ରାଜେଶ କୁମାର କବି, କେଦାରନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ୧୦୪ ଅଭିଯୋଗ ଶୁଣିଲେ ଜିଲାପାଳ

ବଇଣ୍ଡା, ୨୧।୧(ଡି.ଏନ.ଏ)



ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସୋମବାର କିଶୋରନଗର ବ୍ଲକ ସଭାଗୃହଠାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ ସାମୂହିକ ୪ ଓ ବ୍ୟକ୍ତିଗତ ୧୦୦ ଜଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ରେଡକ୍ରସ ପାଣ୍ଠିରୁ କୁମୁରୁସିଙ୍ଗା ଗ୍ରାମର ରଞ୍ଜିତା ନାୟକଙ୍କୁ ୧୦ ହଜାର, ଭଗବାନପୁର ଗ୍ରାମର କ୍ଷୀର ବେହେରାଙ୍କୁ ୫ ହଜାର, ହଣ୍ଡପା ଗ୍ରାମର ସନ୍ତୋଷ ସାହୁଙ୍କୁ ୩ ହଜାର, ମୁଣ୍ଡବେଡ଼ା ଗ୍ରାମର ସାତନ ନାୟକଙ୍କୁ ୭ ହଜାର, ସଦାନନ୍ଦପୁର ଗ୍ରାମର ସୁଲୋଚନା ଭୋଇଙ୍କୁ ୧୦ ହଜାର, ହରିଡ଼ାନାଳୀ ଗ୍ରାମର ଈଶ୍ୱର ସେଠୀଙ୍କୁ ୩ ହଜାର, ହଣ୍ଡପା ଗ୍ରାମର ରେବତୀ ବିଶ୍ୱାଳ ୨ ହଜାର, ଜଏରାଟ ଗ୍ରାମର କୁମାରୀ ସେଠୀ ୫ ହଜାର, ହିମିତିରା ଗ୍ରାମର ପବିତ୍ର ପ୍ରଧାନ ୩ ହଜାର ଟଙ୍କା, ଧଉରାପାଲି ଗ୍ରାମର ନଳିନୀ ବେହେରାଙ୍କୁ ୨ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ବାମୁର ଅଞ୍ଚଳର ଲତିବ ମହମ୍ମଦଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ପିଡିଡିଆରଡିଏ ଅତୁଲ୍ୟ କୁମାର ଚମ୍ପତିରାୟ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ଅନୁଗୋଳ ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ର ନାଥ ମହାନ୍ତି, ବିଡ଼ିଓ ଅମୃତା ପ୍ରିୟମ୍ବଦା, ତହସିଲଦାର ଲୋପାମୁଦ୍ରା ରଥ, ଜିଲା ସର୍ବଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରୀଶ ରଥ, ସହକାରୀ ଜିଲାପାଳ ସୁବ୍ରତ କୁମାର ବେହେରା, ଲମ୍ବୋଦର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଆଠମଲ୍ଲିକ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୨୨ ଜାନୁୟାରୀ /୨୦୧୯ Dhenkanal, Tuesday January 22 / 2019

## ସଂକ୍ଷେପରେ

### ମାଙ୍କଡ଼ଚୁଆରେ ବାଘ ଆତଙ୍କ

**ବଇଣ୍ଡା,୨୧।୧(ଡି.ଏନ.ଏ):** କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ମାଙ୍କଡ଼ଚୁଆ ଗ୍ରାମରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ବାଘଟି ସୋମବାର ବିଶିକେଶନ ନାୟକଙ୍କ ଏକ ଛେଳିକୁ ଆକ୍ରମଣ କରିବାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଜଙ୍ଗଲରେ ଛେଳି ଚରୁଥିବାବେଳେ ବାଘଟି ଛେଳିକୁ ଆକ୍ରମଣ କରିଥିବା କେତେଜଣ ଗ୍ରାମବାସୀ ପ୍ରକାଶ କରିଛନ୍ତି। କିଛିଦିନ ତଳେ ଗ୍ରାମର ହର ମିର୍ଦ୍ଧାଙ୍କର ଏକ ଛେଳିକୁ ବାଘ ମାରି ଦେଇଥିବା ଗ୍ରାମବାସୀ କହିଛନ୍ତି। ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ବାଘ ଆତଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ।

### ଜଳିଗଲା ୨ ବଖରା

**ବଇଣ୍ଡା,୨୧।୧(ଡି.ଏନ.ଏ):** କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତ ଭାଲୁମୁଣ୍ଡା ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ଭାସ୍କର ମୁଣ୍ଡାଙ୍କ ୨ ବଖରା ଚାଳ ଘର ଜଳିଯାଇଛି। ରୋଷେଇ ନିଆଁରୁ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀ ଓ ବାମୁର ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଘରର ସମସ୍ତ ଆସବାବପତ୍ର, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି। ସରପଞ୍ଚ ଲକ୍ଷ୍ମଣ ବେହେରା ବିପନ୍ନ ପରିବାରଙ୍କୁ ଭେଟି ରନ୍ଧା ଖାଦ୍ୟ ଯୋଗାଇ ଦେଇଛନ୍ତି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଛି।

### ଚୋରି ଅଭିଯୁକ୍ତ ଗିରଫ

**କଣିହାଁ,୨୧।୧(ଡି.ଏନ.ଏ.):** ଏନ୍‌ଟିପିସି ଥାନା ପୋଲିସ ଚୋରି ଅଭିଯୋଗରେ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ପ୍ରକାଶ, ଟୋଲକବେଡ଼ା ହଟିଂର ବବୁଲ ଟୁଡୁ ଏନ୍‌ଟିପିସି ପ୍ଲାଣ୍ଟରେ ଚୋରି କରୁଥିବାବେଳେ ସିଆଇଏସଏଫ କର୍ମଚାରୀଙ୍କ ହାତରେ ଧରାଡ଼ିଥିଲେ। ଏ ନେଇ ଥାନାରେ ନଂ. ୫/୧୯ରେ ମାମଲା ରୁଜୁ କରାଯାଇଛି।

## ପ୍ରକାଶ ପାଇଲା ଚୂଡ଼ାନ୍ତ ତାଲିକା

# ଅନୁଗୋଳରେ ୯, ୫୬, ୭୬୧ ଭୋଟର

**ଅନୁଗୋଳ ଅଫିସ, ୨୧।୧**

ଅନୁଗୋଳ ଜିଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୧୬୩ଟି ମତଦାନ କେନ୍ଦ୍ରର ଚୂଡ଼ାନ୍ତ ଭୋଟର ତାଲିକା ସୋମବାର ପ୍ରକାଶ ପାଇଛି। ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଅନିଲ କୁମାର ସାମଲ ଯୋଗଦେଇ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରଦାନ କରଥିଲେ। ଏଥିସହ ଜିଲା କଲ୍ ସେଣ୍ଟର (ଟୋଲ ଫ୍ରି ନମ୍ବର– ୧୯୫୦)କୁ ସୋମବାର ଠାରୁ କାର୍ଯ୍ୟକ୍ଷମ କରିଥିଲେ। ଏହା ମାଧ୍ୟମରେ ମତଦାତାମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ତ୍ୱରିତ ସମାଧାନ ହୋଇପାରିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଆସନ୍ତା ନିର୍ବାଚନରେ ଯେପରି କେହି ଜଣେ ମତଦାନରୁ ବାଦ ନ ପଡ଼ନ୍ତି ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ପ୍ରକାଶିତ ତାଲିକା ଅନୁଯାୟୀ, ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ୍ ୯ ଲକ୍ଷ ୫୬ ହଜାର ୭୬୧ ଜଣ ମତଦାତା ଅଛନ୍ତି। ଏଥିରେ ପୁରୁଷଙ୍କ ସଂଖ୍ୟା ୪ ଲକ୍ଷ ୯୯ ହଜାର ୩୯୧, ମହିଳା ମତଦାତାଙ୍କ ସଂଖ୍ୟା ୪ ଲକ୍ଷ ୫୭ ହଜାର ୩୨୬। ଅନ୍ୟାନ୍ୟ ଭୋଟର ହେଉଛନ୍ତି ୪୪। ପ୍ରକାଶଥାଉ କି, ଗତବର୍ଷ ସେପ୍ଟେମ୍ବର ୧ ସୁଦ୍ଧା ଭୋଟର ତାଲିକାରେ ୯ ଲକ୍ଷ ୩୮ ହଜାର ୩୬୩ ମତଦାତାଙ୍କ ନାମ ଥିଲା। ନୂଆ ତାଲିକା ଅନୁଯାୟୀ ଏଥିରେ ୧୮ ହଜାର ୩୯୮ ଜଣ ଭୋଟର ଯୋଡ଼ି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୭୯୬୯, ମହିଳା ୧୦୪୨୧ ଓ ଅନ୍ୟାନ୍ୟ ୮ ଜଣ ଅଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି, ଭାଜପା ପ୍ରତିନିଧି ଦିଲେଶ୍ୱର ପ୍ରଧାନ, ଜାତୀୟ କଂଗ୍ରେସ ପ୍ରତିନିଧି ଆଲୋକ କୁମାର ଦାସ ଓ ବିଏସ୍‌ପି ପ୍ରତିନିଧି କୁମୁଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଶାସନିକ ଅଧିକାରୀ ନୂତନ ଭୋଟର ତାଲିକା ଦେଖାଉଛନ୍ତି।

### ତାଳଚେରରେ ୨୭୯୯ ବଢ଼ିଛି

**ତାଳଚେର,୨୧।୧(ନି.ପ୍ର.)**

ତାଳଚେର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୋମବାର ୬୦ ତାଳଚେର ନିର୍ବାଚନମଣ୍ଡଳୀର ସଂଶୋଧିତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଜାନୁୟାରୀ ୨୦୧୯ ସୁଦ୍ଧା ଏହି ନିର୍ବାଚନମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟା ୧,୭୫,୮୫୬ ବୋଲି ତାଲିକାରେ ଦର୍ଶାଯାଇଛି। ସେଥିରୁ ମହିଳାଙ୍କ ସଂଖ୍ୟା ୮୨,୨୦୧ ହୋଇଥିବା ବେଳେ ପୁରୁଷଙ୍କ ସଂଖ୍ୟା ୯୩,୬୨୮ ଓ ୨୭ଜଣ ତୃତୀୟ ଲିଙ୍ଗୀ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧୮ ସୁଦ୍ଧା ଏହି ନିର୍ବାଚନମଣ୍ଡଳୀରେ ମୋଟ୍ ୧, ୭୩, ୦୫୭ ଭୋଟର ଥିଲେ। ସେମାନଙ୍କ ମଧ୍ୟରେ ପୁରୁଷ ୯୨,୬୬୯, ମହିଳା ୮୦,୩୬୩ ଓ ତୃତୀୟ ଲିଙ୍ଗ ଭୋଟର ୨୫ ଥିଲେ। ନୂତନ ଗଣନା ଅନୁଯାୟୀ ଉକ୍ତ ସଂଖ୍ୟାରେ ୨୭୯୯ ନୂଆ ଭୋଟରଙ୍କ ନାଁ ଯୋଗ ହୋଇଛି। ଏହି ନୂତନ ଭୋଟରଙ୍କ ମଧ୍ୟରୁ ୯୫୯ ପୁରୁଷ ହୋଇଥିବା ବେଳେ ୧୮୩୮ ଜଣ ମହିଳା ଓ ତୃତୀୟଲିଙ୍ଗୀ ଭୋଟର ସଂଖ୍ୟା ୨ ବୋଲି ଜଣାପଡ଼ିଛି।


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପ୍ରଦୂଷଣ ରୋକିବାକୁ ଦାବିପତ୍ର

**ତାଳଚେର,୨୧।୧(ନି.ପ୍ର.)**

ତାଳଚେର ଅଞ୍ଚଳରେ ପ୍ରଦୂଷଣ ରୋକିବା ନିମନ୍ତେ ପୂର୍ବତନ ଜିଲାପରିଷଦ ସଭ୍ୟ ରାଜକିଶୋର ସାହୁ ସୋମବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚେୟାରମ୍ୟାନଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଏମ୍‌ସିଏଲ୍ କୋଇଲା ଖଣି, ଏନ୍‌ଟିପିସି, ନାଲ୍‌କୋ, ଟିଟିପିଏସ୍ ଆଦି ଯୋଗୁ ତାଳଚେରର ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏଥିଯୋଗୁ ଅଞ୍ଚଳବାସୀ ବର୍ଷସାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତାଳଚେର ସବ୍‌ଡିଭିଜନରେ ପ୍ରାୟ ୩ ଲକ୍ଷ ଲୋକ ବାସ କରୁଛନ୍ତି। କିନ୍ତୁ ପ୍ରଦୂଷଣ ରୋକିବାକୁ ଏମ୍‌ସିଏଲ୍ ଓ ଏନ୍‌ଟିପିସି ସହ ଅନ୍ୟାନ୍ୟ ଶିଳ୍ପାନୁଷ୍ଠାନ ଯେଉଁ ପଦକ୍ଷେପ ନେଉଛନ୍ତି ତାହା ଯଥେଷ୍ଟ ନୁହେଁ। ତେଣୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ବିଭିନ୍ନ ଶିଳ୍ପସଂସ୍ଥା ସହ କରାଯାଇଥିବା ଚୁକ୍ତି କେତେ କାର୍ଯ୍ୟକାରୀ ହେଉଛି ତାହା ଯାଞ୍ଚ କରିବା ଓ ଜିଲା ଖଣିଜ ପାଣ୍ଠିକୁ ଉପଯୋଗ କରି ପ୍ରଦୂଷଣ ହ୍ରାସ ଦିଗରେ ପଦକ୍ଷେପ ନିଆଯିବାକୁ ସେ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସାହୁ ଚେତାବନୀ ଦେଇଛନ୍ତି। ତାଙ୍କ ସହ ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ଗିତିମୟ ରଥ, ଉପସଭାପତି ମହାନଦୀ କୋଇଲା ଶ୍ରମିକ ସଂଘ ଭୂପେନ୍ ଥମ୍ବ, ପ୍ରହଲ୍ଲାଦ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ପ୍ରେମିକାଙ୍କୁ ଧମକ ଅଭିଯୋଗ

**ତାଳଚେର,୨୧।୧(ନି.ପ୍ର.)**

ପ୍ରେମିକାଙ୍କୁ ଧମକ ଚମକ ଦେବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ନାଲ୍‌କୋ ଥାନା ଅମାନ୍ତପୁର ଗ୍ରାମର ଯୋଗେଶ ସାହୁଙ୍କୁ ତାଳଚେର ପୋଲିସ ରବିବାର ରାତିରେ ଉଦ୍ଧାର କରିଛି। ଯୋଗେଶ ତାଳଚେର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଗତ ୨ ବର୍ଷ ହେଲା ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଏପରି କି ଯୁବତୀଙ୍କ ବିବାହ ପ୍ରସ୍ତାବଗୁଡ଼ିକୁ ମଧ୍ୟ ଭାଙ୍ଗି ଦେଉଥିଲେ। ରବିବାର ରାତିରେ ସେ ଯୁବତୀଙ୍କ ଘରକୁ ଯାଇ ତାଙ୍କୁ ଟଣାଓଟରା କରିବା ସହିତ ଫଟୋ, ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଯୁବତୀଙ୍କ ପାଟିଶୁଣି ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି ଯୋଗେଶଙ୍କୁ କାବୁ କରି ନେଇଥିଲେ। ନିସ୍ଥୁକ ମାଡ ମାରିବା ସହ ଅଟକ ରଖିଥିଲେ। ଖବରପାଇ ପୋଲିସ ଯୋଗେଶଙ୍କୁ ଉଦ୍ଧାର କରିଥିଲା। ପରେ ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ ସହ ତଦନ୍ତ ଚଳାଇଛି।

## ନିଯୁକ୍ତି, ଦରମା ବୃଦ୍ଧି ଦାବିରେ ଆନ୍ଦୋଳନ

**ଛେଣ୍ଡିପଦା, ୨୧।୧(ଡି.ଏନ.ଏ.)**

ଓଡ଼ିଶା ଜୀବିକା ମିଶନ ଏମ୍‌ବିକେ ଓ ସିଆରପି ସଂଘ ରାଜ୍ୟ କମିଟି ଆହ୍ୱାନକ୍ରମେ ଛେଣ୍ଡିପଦା ବ୍ଲକ ଶାଖା ପକ୍ଷରୁ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବିରେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ପରେ ବ୍ଲକ ଶାଖା ସଭାନେତ୍ରୀ ଜ୍ୟୋସ୍ନାରାଣୀ ପ୍ରଧାନ, ସାଧାରଣ ସମ୍ପାଦିକା ତପସୀରାଣୀ ବେହେରାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟା ସ୍ଥାନୀୟ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଗୁଡିକ ପୂରଣ କରା ନ ଗଲେ ଆସନ୍ତା ୨୮ରେ ଭୁବନେଶ୍ୱର ପିଏମଜି ଛକଠାରେ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି। ଶାଖାର ସଦସ୍ୟାମାନେ କହିଛନ୍ତି, ଓଡ଼ିଶା ଜୀବିକା ମିଶନ ଏବଂ ପଞ୍ଚାୟତିରାଜ ବିଭାଗ ତତ୍ତ୍ୱାବଧାନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଥିବା ମାଷ୍ଟର ବୁକ କିପର(ଏମବି କେ) ଏବଂ କ୍ଲଷ୍ଟର ରିସୋର୍ସ ପର୍ସନ (ସିଆରପି)ଙ୍କ ପ୍ରତି ଅବହେଳା କରାଯାଉଛି। ସରକାର ତଥା ପଞ୍ଚାୟତିରାଜ ବିଭାଗ ଓ ଓଡ଼ିଶା ଜୀବିକା ମିଶନ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ନିଯୁକ୍ତି କରାଯାଉ ନ ଥିବାବେଳେ ସ୍ୱଳ୍ପ ପରିମାଣର ପ୍ରୋତ୍ସାହନ ରାଶି ମାସିକ ଭତ୍ତା ଆକାରରେ ସରକାର ପ୍ରଦାନ କରୁଛନ୍ତି। ତେଣୁ ସ୍ଥାୟୀ ନିଯୁକ୍ତି ସାଙ୍ଗକୁ ନିୟମିତ ଦରମା ବୃଦ୍ଧି କରିବା ସେମାନେ ଦାବି କରିଛନ୍ତି।

# ଏପ୍ରିଲ ୬ରେ ରାଜଧାନୀରେ କୃଷକ ସମାବେଶ

**ଅନୁଗୋଳ ଅଫିସ, ୨୧।୧**

ନବନିର୍ମାଣ କୃଷକ ସଙ୍ଗଠନର ଏକ ସାଙ୍ଗଠନିକ ସମାବେଶ ଅନୁଗୋଳ ସଭାଘର ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ପ୍ରଭାରୀ ନିବାସରତ୍ନ ଓ ଜିଲା ସଂଯୋଜକ ଶ୍ରୀନିବାସ ସାହୁଙ୍କ ଯୁଗ୍ମ ଉଦ୍ୟମରେ ଆହୂତ ଏହି ସମାବେଶରେ ବରିଷ୍ଠ ଚାଷୀ ହରେକୃଷ୍ଣ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ କହିଲେ ଯେ, ଓଡ଼ିଶାର ଚାଷୀ ଅବହେଳାର ଶିକାର ହୋଇଛନ୍ତି। ଦେଶରେ ପ୍ରତି ଅଧଘଣ୍ଟାରେ ଜଣେ ଚାଷୀ ଆତ୍ମହତ୍ୟା କରୁଥିବା ବେଳେ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଏ ନେଇ ସମାଧାନମୂଳକ ପଦକ୍ଷେପ ନେଉ ନାହାନ୍ତି। ଏସବୁ ଅବହେଳାର ମୂଳ କାରଣ ହେଲା ଚାଷୀର ନିଜସ୍ୱ ସଶକ୍ତ ସଙ୍ଗଠନ ନାହିଁ। ଯେଉଁଥିପାଇଁ ସେ ତା ଉତ୍ପାଦର ଉଚିତ ମୂଲ୍ୟ, ସମ୍ମାନ ଓ ପେନ୍‌ସନ ପାଇଁ ପ୍ରତିବାଦ କରୁନାହିଁ। ଉପସ୍ଥିତ ରଣଜିତ ପଟ୍ଟନାୟକ କହିଲେ ଯେ, ଓଡ଼ିଶାରେ କୃଷି ଓ ଉଦ୍ୟାନ କୃଷି ପାଇଁ ପ୍ରଚୁର ସୁଯୋଗ ସହ ସମ୍ଭାବନା ରହିଛି। କିନ୍ତୁ ଏ ଦିଗରେ ସରକାର ମନୋନିବେଶ କରୁ ନ ଥିବାରୁ ଚାଷୀ ସମ୍ମାନର ସହ ବଞ୍ଚିପାରୁନି। ଅନୁଗୋଳ ପ୍ରଭାରୀ ନିବାସ ରତ୍ନ ଏହି ଅବିଚାର ବିରୋଧରେ ଚାଷୀମାନେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚକବନ୍ଦି, ପଟ୍ଟାପାଉତି ପିଲାଙ୍କ ନାମରେ କରିବା, ଜଳସେଚନ, ଶୀତଳଭଣ୍ଡାର, ଗୋଦାମ ପ୍ରତିଷ୍ଠା ପାଇଁ ଚାଷୀମାନେ ଦାବି କରିଥିଲେ। ଏଥିସହ ଆସନ୍ତା ୬ ତାରିଖରେ ଭୁବନେଶ୍ୱରରେ ୫ ହଜାର ଚାଷୀଙ୍କୁ ନେଇ ଏକ ସମାବେଶରେ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧବଳେଶ୍ୱର ଦେହୁରୀ, ଶାନ୍ତିଲତା ସାହୁ, ଜିତେନ୍ଦ୍ର ସାହୁ, ସୁରଥ କ୍ଷେତି, ନାରାୟଣ ପ୍ରଧାନ, ଚେମାର ସାହୁ, ଉଛବ ବେହେରା, ଅଜୟ ସାହୁ, ବଂଶୀଧର ସାହୁ, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ହମାବିରା ଚାମ୍ପିୟନ


ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

**ଛେଣ୍ଡିପଦ,୨୧।୧(ସ୍ୱ.ପ୍ର)**

ଜରପଡା ଥାନା ଜରଡା ଖେଳ ପଡ଼ିଆରେ ଚାଲିଥିବା ରାଜୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜରଡା ଏମ୍‌କେସିସି କ୍ରିକେଟ ଟିମ ଏବଂ ହମାବିରା କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜରଡା ଏମ୍‌କେସିସି ପ୍ରଥମେ ବ୍ୟାଟିଂ କରି ୫୨ ରନ କରିଥିଲା। ଜବାବରେ ହମାବିରା ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଯୁବନେତା ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଯୁବନେତା ଅମିୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସୁଶିଲ ସିଂ, ସରୋଜ ଦାସ ଖେଳ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ